Chapter- 1

# କଳାମାଣିକରେ

**STUDY NOTES**

## MIND MAP



ଶ୍ରୀକୃଷ୍ଣ ପ୍ରତିଦିନ ଗୋପବାଳକମାନଙ୍କ ସହ ବନକୁ ଗୋଚାରଣ ନିମନ୍ତେ ଯାଉଥିଲେ । ଏକଦା ସନ୍ଧ୍ୟାରେ ଗାଈଗୋଠ ସହ ଘରକୁ ଫେରିବାରେ ତାଙ୍କର ବିଳମ୍ବ ହେବାରୁ ସ୍ନେହମୟୀ ଜନନୀ ଯଶୋଦାଙ୍କ ମନରେ ଅନେକ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି । ସେ ମନରେ ପୁତ୍ର କୃଷ୍ଣଙ୍କ ଗୁଣ ଗାନ କରି ବିଳାପ କରିଛନ୍ତି । ସ୍ନେହ-ବତ୍ସଳ ମାତା ମନର ବ୍ୟସ୍ତତାରେ କବିତାଟି ରସାଣିତ ହୋଇଛି । କବି ବାତ୍ସଲ୍ୟଭରା ହୃଦୟର ଆବେଗକୁ ସୁନ୍ଦର ଭାବେ କବିତାରେ ରୂପ ଦେଇଛନ୍ତି । ଗୋପପୁରରେ ପ୍ରତ୍ୟହ ଶ୍ରୀକୃଷ୍ଣ ଗୋପବାଳକମାନଙ୍କ ସହ ଗାଈଗୋଠ ନେଇ ବନ ମଧ୍ୟକୁ ଗୋଚାରଣ ନିମିତ୍ତ ଯାଇଥାନ୍ତି ଓ ସନ୍ଧ୍ୟା ସମୟରେ ପ୍ରତ୍ୟାବର୍ତ୍ତନ କରନ୍ତି । ସେଦିନ ଫେରିବା ବିଳମ୍ବ ହେବାରୁ ମାତା ଯଶୋଦାଙ୍କ ମନ ବ୍ୟସ୍ତତାରେ ଭରି ଉଠିଛି । ମନ ମଧ୍ୟରେ ନାନା ଆଶଙ୍କା ହୋଇଛି । କୃଷ୍ଣଙ୍କର ଗୁଣ ଓ କାର୍ଯ୍ୟ କଳାପ ଆଦି ତାଙ୍କ ସ୍ମୃତିକୁ ଆସିବାରୁ ସେ ବିଳାପ କରିଉଠିଛନ୍ତି । ସ୍ନେହମୟୀ ଜନନୀଙ୍କ ବାତ୍ସଲ୍ୟ ମମତା କବିତାର ଛତ୍ରେ ଛତ୍ରେ ଫୁଟିଉଠିଛି ଯାହା କବି ସାମନ୍ତସିଂହାରଙ୍କ ଲେଖନୀରେ ଅତି ମନୋରମ ରୂପ ଲାଭ କରିଛି ।

ODM EDUCATIONAL GROUP
Changing your Tomorrow